## ଆମଘରର ହାଲଚାଲ

ସୌମ୍ୟରଞ୍ଜନ ପଟ୍ଟନାୟକ

# ବିଜୁବାବୁଙ୍କର ଅଦ୍ଭୁତ ଯୁକ୍ତି

୨୫/୧୨/୧୯୮୮

ରାଜଧାନୀ ଭୁବନେଶ୍ୱରର ସତ୍ୟନଗର ଅଞ୍ଚଳରୁ ବସ୍ତି ଉଚ୍ଛେଦ ଘଟଣାର ପ୍ରତିବାଦରେ ବିରୋଧୀଦଳମାନଙ୍କ ତରଫରୁ ଦିଆଯାଇଥିବା ଭୁବନେଶ୍ୱର ବନ୍ଦ ଡାକରା ଏବଂ ଏହାପ୍ରତି ସେପରି କୌଣସି ସମର୍ଥନ ନ ମିଳିବା କଥା ଅନେକଙ୍କୁ ବିସ୍ମିତ କରୁଛି । ଆହୁରି ଅଧିକ ବିସ୍ମିତ କରୁଛି ବିରୋଧୀ ଦଳର ନେତା ଶ୍ରୀ ବିଜୁ ପଟ୍ଟନାୟକ ଏ ସଂପର୍କରେ ଦେଇଥିବା ସଫେଇ ।

ଆଧୁନିକ ଗଣତନ୍ତ୍ରରେ ପ୍ରତିବାଦରେ "ବନ୍ଦ" ଏବଂ ସମର୍ଥନରେ 'ରାଲି" କରିବା ଏକ ରାଜନୈତିକ ପ୍ରକ୍ରିୟା ହିସାବରେ ଆମ ବ୍ୟବସ୍ଥାରେ ଏକରକମ ସ୍ୱୀକୃତି ପାଇଗଲାଣି କହିଲେ ଅତ୍ୟୁକ୍ତି ହେବ ନାହିଁ । ତେବେ ଏ ପ୍ରକାର ପ୍ରକ୍ରିୟା ପଛରେ କେତେ ପରିମାଣରେ ପ୍ରକୃତ ଲୋକ ସମର୍ଥନ ଥାଏ ତାର ହିସାବ କରିବା ସବୁବେଳେ ସମ୍ଭବ ନୁହେଁ । 'ରାଲି'ରେ ଆବେଗ ଅପେକ୍ଷା ଦଳୀୟ ସଂଗଠନ, ନେତାଙ୍କ ଗ୍ରୁପ ଏବଂ ପ୍ରୋତ୍ସାହନର ଅଧିକ ପ୍ରାଧାନ୍ୟ ଥିବା କଥା ଯେପରି ସତ, ବନ୍ଦ ପଛରେ ନୈତିକ ସମର୍ଥନ ଅପେକ୍ଷା ମୁଷ୍ଟିମେୟ ନେତୃବୃନ୍ଦଙ୍କ ଧମକ ଦ୍ୱାରା ଅହେତୁକ ଧନ ଓ ଜୀବନହାନିର ଆଶଙ୍କା ମଧ୍ୟ ସେହିପରି ସତ । କିନ୍ତୁ 'ଭୁବନେଶ୍ୱର ବନ୍ଦ'ରେ ଏ ପ୍ରକାର ଆଶଙ୍କା ସତ୍ତ୍ୱେ ଆଶାନୁରୂପ ଜନସମର୍ଥନ ନ ମିଳିବା ନିଶ୍ଚିତ ଭାବେ ପ୍ରଣିଧାନଯୋଗ୍ୟ । ଅବଶ୍ୟ କଂଗ୍ରେସ ଦଳ ପକ୍ଷରୁ ଏ 'ବନ୍ଦ'କୁ ବିଫଳ କରାଇ ପାରିଛନ୍ତି ବୋଲି ବାହାଦୁରୀ ନେବାରେ ସାମାନ୍ୟତମ ବିଳମ୍ବ କରାଯାଇ ନାହିଁ । ସେହିପରି ବିରୋଧୀ ଦଳର ନେତା ନିଜର ଆପାତ ଦୁର୍ବଳତା ପ୍ରକାଶିତ ହୋଇଥିବା ସତ୍ତ୍ୱେ ସାମ୍ବାଦିକ ସମ୍ମିଳନୀରେ ଏ ପ୍ରଶ୍ନଟିକୁ ଏଡ଼ାଇଯାଇଛନ୍ତି । ଲୋକମତକୁ ସମ୍ମାନ ପ୍ରଦର୍ଶନ କରିବା ପରିବର୍ତ୍ତେ ସେ ଓଲଟା ଆସ୍ଫାଳନ କରିଛନ୍ତି ଯେ- ଦୋକାନ ବଜାର ବନ୍ଦ ସହିତ ଭୁବନେଶ୍ୱରରୁ ତାଙ୍କ ପ୍ରତିନିଧିତ୍ୱର କୌଣସି ସଂପର୍କ ନାହିଁ ଏବଂ ସେ ପୁନର୍ବାର ନିଶ୍ଚିତ ଭାବରେ ଏଠାରୁ ନିର୍ବାଚିତ ହେବେ । ଜନନାୟକଙ୍କ ପକ୍ଷରେ ଆତ୍ମବିଶ୍ୱାସ ଏବଂ ଦାମ୍ଭିକତା ନିଶ୍ଚିତ ଭାବରେ ସ୍ପୃହଣୀୟ ଏବଂ ଓଡ଼ିଶାର ଅଧିକାଂଶ ନେତାଙ୍କ ପାଖରେ ଏହାର ଅଭାବଥିବା ବେଳେ ବିରୋଧୀ ଦଳ ନେତା ଶ୍ରୀ ବିଜୁ ପଟ୍ଟନାୟକଙ୍କ ପାଖରେ ଏହାର ଆଧିକ୍ୟ ଅତୀତରେ ବହୁ ଲୋକଙ୍କୁ ପ୍ରଭାବିତ ଏବଂ ଉତ୍ସାହିତ କରିଛି । କିନ୍ତୁ ଗତ ଶୁକ୍ରବାର ଦିନ ସେ ଯେଉଁ ସଫେଇ ଦେଲେ ଯେ ବନ୍ଦ ଡାକରା ନିଷ୍ପତ୍ତି ବେଳକୁ ସେ ଏଠାରେ ଉପସ୍ଥିତ ନ ଥିଲେ, ଏହା ପଛରେ ତାଙ୍କର ବ୍ୟକ୍ତିଗତ ସମର୍ଥନ ନ ଥିଲା, ତରବରିଆ ଭାବେ ବନ୍ଦ ଡାକରା ଦେବା ଭୁଲ୍ ହୋଇଛି, ହୁଏତ ଡାକରା ନ ଦେଇ ଥିଲେ ଭଲ ହୋଇଥାନ୍ତା,... ଏସବୁ ଆଦୌ ଗ୍ରହଣୀୟ ନୁହେଁ କିମ୍ବା ସ୍ପୃହଣୀୟ ନୁହେଁ । ଆମ ବିରୋଧୀ ଦଳର ନେତା ଯିଏ ପ୍ରତିଦିନ ଏକ ବିକଳ୍ପ ସରକାର ଏବଂ ନେତୃତ୍ୱର କଥା ଚିନ୍ତା କରୁଛନ୍ତି ଏବଂ ଲୋକ ସମର୍ଥନ ଆଶା କରୁଛନ୍ତି ତାଙ୍କ ପକ୍ଷେ ଏ ପ୍ରକାର ସଫେଇ ବା ଯୁକ୍ତି ଆଦୌ ଶୋଭନୀୟ ହେଉନାହିଁ । ବରଂ ଏହା ତାଙ୍କର ଦଳ ଏବଂ ନେତୃତ୍ୱ ସମ୍ମୁଖୀନ ହୋଇଥିବା ଆହ୍ୱାନ ଓ ଅନ୍ତର୍ଦ୍ୱନ୍ଦ୍ୱକୁ ଅଧିକ ସୂଚାଇ ଦେଉଛି । ବିରୋଧୀଦଳ ବୋଲି ବା ଭୁବନେଶ୍ୱରର ପ୍ରତିନିଧି ବୋଲି ଯେ ଖେଳ ଘର ପରି ଯେତେ ବେଳେ ଚାହିଁଲେ 'ବନ୍ଦ' ଡାକରା ଦେବେ ତାହା ମଧ୍ୟ ସାଧାରଣରେ ବରଦାସ୍ତ କରାଯିବା ଉଚିତ ନୁହେଁ । ଏ ପ୍ରକାର ନୂତନ ସଚେତନତାର ପ୍ରମାଣ ଗତ 'ଭୁବନେଶ୍ୱର ବନ୍ଦ'ର ବିଫଳତାରୁ ଯଥେଷ୍ଟ ପରିମାଣରେ ମିଳିଛି ବୋଲି ଆମର ବିଶ୍ୱାସ ।

ଆମ ବିଚାରରେ ଗତ ସପ୍ତାହରେ ଘଟିଥିବା ଘଟଣାଗୁଡ଼ିକରେ ପ୍ରକୃତ ଲୋକ ମତର ବିଜୟ ଘଟିଛି ବୋଲି କହିବାକୁ ହେବ । ଏହା କଂଗ୍ରେସ ଦଳର, ସରକାରଙ୍କର କିମ୍ବା ପୋଲିସ୍‌ର ବିଜୟ ନୁହେଁ । ଭୁବନେଶ୍ୱର ସହରକୁ ସରସସୁନ୍ଦର କରିବା ପାଇଁ ଯେକୌଣସି ଗଠନମୂଳକ କାର୍ଯ୍ୟକ୍ରମକୁ ଏ ସହରକୁ ଆଦରି ନେଇଥିବା ସବୁ ନାଗରିକ ନିଶ୍ଚିତ ଭାବରେ ମୁକ୍ତ ପ୍ରାଣରେ ସମର୍ଥନ କରିବେ । ବସ୍ତି ଅଞ୍ଚଳରୁ ଗରିବ ଜନସାଧାରଣଙ୍କୁ ଉଚ୍ଛେଦ କରି ଅନ୍ୟତ୍ର ସଭ୍ୟ ଏବଂ ବ୍ୟବସ୍ଥିତ ଭାବରେ ଥଇଥାନ କରିବା ଯୋଜନା ସର୍ବାଦୌ ବାଞ୍ଛନୀୟ । ତେବେ ଏ ଥଇଥାନ ଯୋଜନା ସରକାରଙ୍କର ଅନ୍ୟ ଥଇଥାନ ଯୋଜନା ପରି କେବଳ କାଗଜ କଲମରେ ନ ରହୁ । ଯେଉଁ ପ୍ରତିଶ୍ରୁତି ବସ୍ତିବାଲାଙ୍କୁ ଦିଆଯାଇଛି ତାହାକୁ ଅକ୍ଷରେ ଅକ୍ଷରେ ଯଥାଶୀଘ୍ର ପାଳନ କରାଯାଉ । ତା'ହେଲେ ଯାଇ ସରକାରଙ୍କର ଉଦ୍ୟମ ନିଷ୍ଠାପର ବୋଲି ବିଶ୍ୱାସ ହେବ ଏବଂ ଅନ୍ୟତ୍ର ଏ ପ୍ରକାର କାର୍ଯ୍ୟକ୍ରମ ପଛରେ ଅଧିକ ସମର୍ଥନ ମିଳିପାରିବ । ତେବେ କେବଳ ସତ୍ୟନଗରର ବସ୍ତି ଉଚ୍ଛେଦ ହୋଇ ଗଲେ ଯେ ଭୁବନେଶ୍ୱର ସହର ସରସ ଏବଂ ସୁନ୍ଦର ହୋଇଯିବ ସେ କଥା ଭାବିବା ମଧ୍ୟ ଠିକ୍ ହେବ ନାହିଁ । ଖୋଦ୍ ସରକାର ସ୍ୱୀକାର କରନ୍ତି ଯେ, ରାଜଧାନୀ ଭୁବନେଶ୍ୱର ସହର ମଧ୍ୟରେ ୭ଶହ ଏକରରୁ ଅଧିକ ଜମି ଅନଧିକାର ଭାବେ ବିଭିନ୍ନ ଲୋକ ମାଡ଼ିବସିଛନ୍ତି । ସେମାନଙ୍କ ମଧ୍ୟରେ ଅଛନ୍ତି ପ୍ରମୁଖ ରାଜନୈତିକ ନେତା, ବରିଷ୍ଠ ସରକାରୀ କର୍ମଚାରୀ, ପ୍ରଭାବଶାଳୀ ବ୍ୟବସାୟୀ ଏବଂ ବହୁ ସାଂସ୍କୃତିକ ଅନୁଷ୍ଠାନର ନାମବହନ କରିଥିବା ସଂପାଦକ, ସାମ୍ବାଦିକ ଏବଂ ତଥାକଥିତ ଜନନାୟକ । ସରକାରଙ୍କ ନିଷ୍ଠାର ଅସଲ ପ୍ରମାଣ ହେବ ସେହି ଦିନ ଯେଉଁ ଦିନ ଭୁବନେଶ୍ୱର ସହରକୁ ଏମାନଙ୍କର ଅନଧିକାର ଦଖଲରୁ ମୁକ୍ତ କରାଯାଇ ପାରିବ । ତା' ନ ହେଲେ 'ମାର ମାର ଭଣ୍ଡାରିଆକୁ ମାର୍' ନ୍ୟାୟ ହେବା ହିଁ ସାର ହେବ ।